## ପାଣି ପାଇଁ ଡହଳବିକଳ

# ପ୍ରଚଣ୍ଡ ଖରା ସାଙ୍ଗକୁ ଜଳାଭାବ, ବନ୍ୟଜନ୍ତୁଙ୍କ ପାଇଁ ବିପଦ

ବଲାଙ୍ଗିର, ୨୫।୫(ସମିସ)

ବଲାଙ୍ଗିର ଜିଲ୍ଲାରେ ତାପାମତ୍ରା ୪୫ ଡିଗ୍ରୀ ଉପରେ ରେକର୍ଡ ହୋଇସାରିଲାଣି। ପ୍ରବଳ ଗରମ ସାଙ୍ଗକୁ ପାଣି ଟୋପାଏ ପାଇଁ ମଣିଷ ଛଟପଟ ହେଉଛି। ମଣିଷଙ୍କ ଭଳି ଏଥିରୁ ବାଦ ପଡ଼ିନାହାନ୍ତି ବନ୍ୟଜନ୍ତୁ। ବଲାଙ୍ଗିର ଜିଲ୍ଲାରେ ରହିଥିବା ସଂରକ୍ଷିତ ଜଙ୍ଗଲ

## ଜଙ୍ଗଲ ଭିତରେ ଜଳଉତ୍ସ, କେତେ ସତ କେତେ ମିଛ

## ବନ ବିଭାଗର ନାହିଁ ସ୍ୱତନ୍ତ୍ର ଯୋଜନା

ମାନଙ୍କରେ ହାତୀ, କଲରାପତରିଆ, ଭାଲୁ ସମେତ ଅନେକ ବନ୍ୟପ୍ରାଣୀଙ୍କ ଉପସ୍ଥିତି ରହିଛି। ଏହି ସଂରକ୍ଷିତ ଜଙ୍ଗଲ ଦିନକୁ ଦିନ କମିକମି ଯାଉଥିବା ବେଳେ ଛାଇ ଓ ପାଣି ବନ୍ୟଜନ୍ତୁଙ୍କ ପାଇଁ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ଦିନକୁଦିନ ଏହି ବନ୍ୟଜନ୍ତୁ ମାନେ ପାଣି, ଖାଇବା ପାଇଁ ଗାଁ ପାଖକୁ ଚାଲିଆସୁଛନ୍ତି ଯାହାକି ବଲାଙ୍ଗିର ବନ ବିଭାଗ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲାରେ ମଠଖାଇ, ବେନ୍ଦେର, ଛତରଦାଣ୍ଡି, ଗାଇଖାଇ, ପାଟି, ରମାଇ ଭଳି ଅନେକ ଘଞ୍ଚ ଜଙ୍ଗଲ ରହିଛି। ଜଙ୍ଗଲ ବିଭାଗ ଆକଳନ ଅନୁସାରେ ଜିଲ୍ଲାରେ ପ୍ରାୟ ୬୫୭୫ ହେକ୍ଟର ଜଙ୍ଗଲ ରହିଛି। ଏଥିରୁ ପ୍ରାୟ ୭୦ ହେକ୍ଟର ଘଞ୍ଚ ଜଙ୍ଗଲ ରହିଛି। ଏହି ଜଙ୍ଗଲରେ ପ୍ରାୟତଃ ହାତୀ,



କଲରପାତରିଆ ଭାଲୁ ସହ ଅନ୍ୟ ବନ୍ୟଜନ୍ତୁଙ୍କ ଉପସ୍ଥିତି ରହିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବଲାଙ୍ଗିର ଜିଲ୍ଲାରେ ତାପମାତ୍ରା ବୃଦ୍ଧି ପାଇଛି। ବିଗତ ଦିନ ମାନଙ୍କରେ ତାପମାତ୍ର ୪୦ ଡିଗ୍ରୀ ଡେଇଁ ସାରିଥିବା ବେଳେ ଆଗକୁ ମଧ୍ୟ ଗ୍ରୀଷ୍ମ ପ୍ରବାହ ଲାଗି ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇସାରିଛି। ଏମିତିରେ ପ୍ରବଳ ଗରମ, ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ବନ୍ୟଜନ୍ତୁଙ୍କ ପାଇଁ ମଧ୍ୟ ନିସ୍ତାର ନାହିଁ। ଜିଲ୍ଲାର ବିଭିନ୍ନ ସ୍ଥାନରେ ଖରାମାସରେ ବି ବନ୍ୟଜନ୍ତୁ ମାନେ ଗାଁ ଭିତରକୁ ଚାଲିଆସୁଥିବା ଦେଖିବାକୁ ମିଳିଥାଏ। ବିଶେଷ କରି ଭାଲୁ, କଲରପାତରିଆ ଜିଲ୍ଲାର ବିଭିନ୍ନ ସ୍ଥାନ ମାନଙ୍କରେ ଗାଁ ଓ ଜଙ୍ଗଲ ସୀମାରେ ଦେଖାଯାଇଛି। ସେହିପରି ବଲାଙ୍ଗିର - ସୋନପୁର, ବଲାଙ୍ଗିର - ବରଗଡ଼ ସୀମା ଜଙ୍ଗଲରେ ହାତୀପଲ ରହିଥିବାର ସୂଚନା ମଧ୍ୟ ରହିଛି। ବଡମାଲ, ତୁରେକେଲା ସହ ଅନ୍ୟ ବନାଞ୍ଚଳରେ କଲରାପତରିଆଙ୍କ ଉପସ୍ଥିତି ମଧ୍ୟ ଦେଖିବାକୁ ମିଳିଛି। ମଣିଷଙ୍କ ଭଳି ବନ୍ୟଜନ୍ତୁଙ୍କ ପାଇଁ ମଧ୍ୟ ପାଣି ଓ ଖାଦ୍ୟର ନିହାତି ଆବଶ୍ୟକତା ରହିଛି। ତେବେ ବନ୍ୟଜନ୍ତୁ ମାନଙ୍କ ପାଇଁ ଆବଶ୍ୟକ ମୁତାବକ ପାଣିର ବ୍ୟବସ୍ଥା ନ ଥିବା ଅଭିଯୋଗ ହୋଇଛି। ଯେଉଁଥିପାଇଁ ବନ୍ୟଜନ୍ତୁମାନେ ଗାଁ ନିକଟକୁ ଚାଲିଆସୁଥିବା ଦେଖିବାକୁ ମିଳିଛି। ଏପରିକି ଜଳାଭାବ ଯୋଗୁଁ ଜଙ୍ଗଲ ଭିତରେ ମଧ୍ୟ ଅନେକ ବନ୍ୟଜନ୍ତୁଙ୍କ ଅଂଶୁଘାତ ଓ ପାଣି ଅଭାବରେ ମୃତ୍ୟୁ ହେଉଥିବାର ମଧ୍ୟ ଅଭିଯୋଗ ହୋଇଛି। ଏହାକୁ ସାମ୍ନାକୁ ଆସିଲେ ବନ ବିଭାଗ ପାଇଁ ଅଡୁଆ ସୃଷ୍ଟି ହେବାର ସମ୍ଭାବନା ରହିଥିବାରୁ ବନ ବିଭାଗ ମଧ୍ୟ ଜାଣିଶୁଣି ମାମଲାକୁ ଚାପିଦେଉଥିବା ପରିବେଶବିତ୍‌ମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବିଗତ ଦିନରେ ଜଙ୍ଗଲ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନାରେ ସଂରକ୍ଷିତ ଜଙ୍ଗଲ ଭିତରେ ଜଳାଶୟ ଖୋଳାଯାଇ କୋଟି କୋଟି ଟଙ୍କା ବ୍ୟୟ କରାଯାଇଛି। ଜଳ ସଂରକ୍ଷଣ ପାଇଁ ମଧ୍ୟ ବହୁ ପରିମାଣର ଟଙ୍କା ଖର୍ଚ୍ଚ କରାଯାଇଛି। କିନ୍ତୁ ସେହି ଜଳାଶୟ ସତରେ ଅଛି ନା ନାମକୁ ମାତ୍ର ତାହା ମଧ୍ୟ ଅସ୍ପଷ୍ଟ। ଏପରିକି ଏନେଇ ବିଭାଗ ପାଖରେ ମଧ୍ୟ ସଠିକ ସୂଚନା ନ ଥିବା ଅଭିଯୋଗ ହୋଇଛି। ତେବେ ପରିସ୍ଠିତି ଆହୁରି ସାଂଘାତିକ ହେବା ପୂର୍ବରୁ ବନ୍ୟଜନ୍ତୁଙ୍କ ପାଇଁ ଜଙ୍ଗଲ ଭିତରେ ଜଳଉତ୍ସ କିମ୍ବା ପାଣି ପାଇଁ ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଦାବି ହୋଇଛି।

# ଖୁଲମ ଖୁଲା ଚାଲିଛି ନିଶା କାରବାର, ଜାଣି ଶୁଣି ଚୁପ୍ ରହିଛି ବିଭାଗ




**ପାଟଣାଗଡ଼, ୨୫।୫(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡର ପାଟଣାଗଡ଼, ବେଲପଡ଼ା ଓ ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ବେଆଇନ ନିଶା କାରବାର ଖୁଲମ ଖୁଲା ଚାଲିଛି। ସବୁଜାଣି ଅବକାରୀ ବିଭାଗ ଚୁପ୍ ରହିଛି। କିଛି ସ୍ଥାନରେ ବେଆଇନ ଗଞ୍ଜେଇ ଓ କଫସିରପ ବିକ୍ରି କରାଯାଉଥିବା ନେଇ କିଛି ସଚେତନ ନାଗରିକ ପାଟଣାଗଡ଼ ଅବକାରୀ ଅଧିକାରୀଙ୍କୁ ସୂଚନା ଦେଇଥିଲେ। କିନ୍ତୁ ଖବର ଦେବାର ଦୁଇ ମାସ ବିତିଯାଇଥିଲେ ସୁଦ୍ଧା ଅବକାରୀ ଅଧିକାରୀ କୌଣସି ପଦକ୍ଷେପ ନେଉନାହାନ୍ତି। ବିଭାଗ ଜାଣି ଶୁଣି ବେଆଇନ ନିଶା କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଘଣ୍ଟ ଘୋଡାଉଥିବା ଉକ୍ତ ସଚେତନ ନାଗରିକ ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ଉପଖଣ୍ଡ ଅଞ୍ଚଳରେ ଢେର ମାତ୍ରାରେ ବେଆଇନ ନିଶା କାରବାର ବୃଦ୍ଧି ପାଇଛି। ବିଭାଗ ଲୋକଦେଖାଣିଆ ଭାବେ କାଁ ଭାଁ ଚଢ଼ଉ କରି ନିଜ କାମ ସାରିଦେଉଥିବାବେଳେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନ ହେବା ଯୋଗୁଁ ନିଶାଖୋର ବ୍ୟାପାରୀଙ୍କ ପାଇଁ ଉପଖଣ୍ଡ ଅଞ୍ଚଳ ଭୁ-ସ୍ୱର୍ଗ ପାଲଟିଛି। ଅଞ୍ଚଳରେ ଗାଁ ଗାଁ ରେ କଫସିରପ, ଗଞ୍ଜେଇ, ବେଆଇନ ବିଦେଶୀ ମଦ ବହୁଳ ମାତ୍ରାରେ ବିକ୍ରି ଚାଲିଛି। ଅବକାରୀ ବିଭାଗ କାର୍ଯ୍ୟାନୁଷ୍ଠାନ ନ ନେବା ଯୋଗୁଁ ଯୁବପିଢ଼ି ଏହି ନିଶା ଦ୍ରବ୍ୟ ବ୍ୟବହାର କରି ବରବାଦ ହେବାରେ ଲାଗିଛନ୍ତି। ଅବକାରୀ ବିଭାଗ କେବଳ ଭାଟିରେ ବେଆଇନ ରନ୍ଧାମଦ ଧରିବାରେ ବ୍ୟସ୍ତ ରହୁଛି। ଏନେଇ ପାଟଣାଗଡ଼ ଅବକାରୀ ଅଧିକାରୀ ରାଜ କୁମାର ବେହେରାଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ନିଜସ୍ୱ ଗାଡି ନାହିଁ। ଭଡ଼ା ଗାଡି ଉପରେ ନିର୍ଭର କରିବାକୁ ପଡୁଛି। ଅଫିସରେ ଷ୍ଟାପ୍ ମଧ୍ୟ ନାହାନ୍ତି, କେବଳ ପାଞ୍ଚ ଜଣ ଷ୍ଟାଫ୍‌ରେ କାମ ତୁଲାଇବାକୁ ପଡୁଛି। ଆଉ ଆଠ ରୁ ଦଶ ଜଣ ଷ୍ଟାପ୍ ଦରକାର ବୋଲି କହିଥିଲେ।

# ଗାଁ ବୁଲିଲେ ଓ ସମସ୍ୟା ଶୁଣିଲେ ନରସିଂହ



**ବଲାଙ୍ଗିର, ୨୫।୫ (ସମିସ):** ନିର୍ବାଚନ ସରିଛି ସତ କିନ୍ତୁ ଲୋକଙ୍କର ବିଶ୍ୱାସ ଆଜି ବି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କ ପ୍ରତି ଅତୁଟ ଅଛି, ଏହି କ୍ରମରେ ସେ ବଲାଙ୍ଗିର ବ୍ଲକ ସ୍ଥିତ ଚୁଡାପାଲି ଓ ଝାଙ୍କରପାଲି ନିକଟସ୍ଥ ସୁକତେଲ ବିସ୍ଥାପିତ ଓ ଥଇଥାନ କଲୋନୀକୁ ଯାଇ ଲୋକଙ୍କ ସମସ୍ୟା ନେଇ ଆଲୋଚନା କରିଥିଲେ। ବିଶେଷ କରି ଗ୍ରୀଷ୍ମ ଦିନରେ ସେଠାକାର ଲୋକେ ପିଇବା ପାଣି, ଗାଧୋଇବା ପାଇଁ ପୋଖରୀ ଓ ବିଜୁଳି ସମସ୍ୟାକୁ ନେଇ ବିଧାୟକ ଶ୍ରୀ ମିଶ୍ରଙ୍କୁ ଅବଗତ କରିଥିଲେ। ବିଧାୟକ ଶ୍ରୀ ମିଶ୍ର ସେଠାରେ ନୂତନ ଭାବେ ପୋଖରୀ ନିର୍ମାଣକୁ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ପୂର୍ବରୁ କରିସାରିଥିବା ବେଳେ ସେ କାର୍ଯ୍ୟ ସ୍ଥିତି ଉପରେ ବିଭାଗୀୟ ଅଧିକାରୀଙ୍କୁ ଫୋନ ଯୋଗେ ପଚାରି ବୁଝିଥିଲେ। ପିଇବା ପାଣି ସମସ୍ୟା ଶୀଘ୍ର ସମାଧାନ ପାଇଁ ତତ୍ପରତା ସହ କାମ କରିବାର ପ୍ରତିଶ୍ରୁତି ଦେଇଥିଲେ। ବିସ୍ଥାପିତଙ୍କ ଥିବା ଅନେକ ସମସ୍ୟା ବିଶେଷ କରି କ୍ଷତିପୂରଣକୁ ନେଇ କିଛି ଲୋକ ଅଭିଯୋଗ କରିଥିଲେ ସେ ସମ୍ବନ୍ଧରେ ପୂର୍ବରୁ ମଧ୍ୟ ପ୍ରକଳ୍ପ ଅଧିକାରୀ ତଥା ଜିଲ୍ଲା ପ୍ରଶାସନକୁ ଚିଠି ମାଧ୍ୟମରେ ଜଣାଯାଇସାରିଛି। ତା'ସହ ପ୍ରକଳ୍ପ ଯନ୍ତ୍ରୀ ଜିଲ୍ଲା ପ୍ରଶାସନ ସହ ବୈଠକ କରି ମଧ୍ୟ ପ୍ରତ୍ୟେକ ନିର୍ଦ୍ଦିଷ୍ଟ ଅଭିଯୋଗ ପତ୍ର ଉପରେ ଆଲୋଚନା କରାଯାଇଛି ବୋଲି ଉପସ୍ଥିତ ଲୋକଙ୍କୁ ଶ୍ରୀ ମିଶ୍ର ଜଣାଇଥିଲେ। ସେହିପରି ଚୁଡାପାଲିର ଲୋକଙ୍କ ସମସ୍ୟା ଉପରେ ସ୍ଥାନୀୟ ବଜାରଠାରେ ଲୋକଙ୍କ ସହ ଆଲୋଚନା କରିଥିଲେ। ଗ୍ରୀଷ୍ମ ସମୟରେ ପିଇବା ପାଣି ଓ ବିଜୁଳି ବିଭ୍ରାଟକୁ ନେଇ ଲୋକେ ବିଧାୟକ ଶ୍ରୀ ମିଶ୍ରଙ୍କ ଦୃଷ୍ଟିକୁ ଆଣିଥିଲେ। ଏହି ଗସ୍ତ ସମୟରେ ଘାସିରାମ ବେହେରା, ଲୋକନାଥ କୁମୁରା, ସଞ୍ଜୟ ଗଡ଼ତ୍ୟା, ରାଧାକାନ୍ତ ଭୋଇ, ପଙ୍କଜ ମାଲ, ମନୋଜ ପଟେଲ, ଲମ୍ବୋଦର ପଟେଲ, ବିଜୟ ନାହାକ, ଶୁଶିଲ ବେହେରା, ରାଜୁ ଦିପ, ଯଜ୍ଞକର ବିଶ୍ୱାଲ, ଚୁଡଙ୍ଗ ସାହୁ, ଭଟ ସାହୁ, ସୁଧିର ପ୍ରଧାନ, ଭିକି ପ୍ରଧାନ, ଦିନବନ୍ଧୁ ପ୍ରଧାନ, ବିଷ୍ଣୁ ଛତ୍ରିଆ, ରାମ ପ୍ରସାଦ ଚାନ୍ଦ, ମୀନକେତନ ଚାନ୍ଦ, ଦିପକ ପଟେଲ ପ୍ରମୁଖ ଉପସ୍ଥିତ ହୋଇ ଆଲୋଚନାରେ ଭାଗ ନେଇଥିଲେ।

## ନିଖୋଜ ସ୍ୱାମୀ ଓ ବନ୍ଧକ ପୁଅକୁ ଉଦ୍ଧାର ଘଟଣା

# ଦାଦନ ଦଲାଲଙ୍କ ଘର ସମ୍ମୁଖରେ ମହିଳା ଅଚେତ

**ଖପ୍ରାଖୋଲ, ୨୫।୫ (ସମିସ):** ବଲାଙ୍ଗିର ଜିଲ୍ଲା ସ୍ଥାନୀୟ ଖପ୍ରାଖୋଲ ଗ୍ରାମର ଡୁବୁରୁ ବରିହା ଓ ପୁଅ ବୁଲୁ ବରିହା ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ବାପା ଡୁବୁରୁ ବରିହା (୭୦) କୁଆଡେ ନିଖୋଜ ହୋଇଯାଇଥିଲେ। ଉକ୍ତ ଘଟଣା ବିଷୟରେ କପସିପାଲି ଗ୍ରାମର ଦାଦନ ସର୍ଦ୍ଦାର ଚଏତୁ ଛୁରା ଡୁବୁରୁଙ୍କ ସ୍ତ୍ରୀ ପ୍ରେମ ବରିହାଙ୍କୁ କହିଥିଲେ। ଏହା ପରେ ପ୍ରେମ ଦାଦନ ସର୍ଦ୍ଦାରଙ୍କୁ ପୁଅ ଓ ସ୍ୱାମୀଙ୍କୁ ଉଦ୍ଧାର କରି ଅଣିଦେବା ପାଇଁ ଗୁହାରି କରିଥିଲେ। ହେଲେ ପୁଅ ବୁଲୁଙ୍କୁ ଇଟା ଭାଟି ମାଲିକ ବନ୍ଧକ ରଖି କାମ କରାଉଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ବିଷୟରେ ଗଣମାଧ୍ୟମରେ ଖବର ପ୍ରକାଶିତ ହେବାପରେ ପୁଅ ବୁଲୁ କୁ ଖପ୍ରାଖୋଲ ପୁଲିସ ତାମିଲନାଡୁ ଜିଲ୍ଲା ତ୍ରିଭେଲୁ ଗୁମୁଣ୍ଡିପୁଲି ଗ୍ରାମରୁ ଉଦ୍ଧାର କରିଥିଲା। ଏହି ଘଟଣାର ତଦନ୍ତ



ପାଇଁ ଶ୍ରମବିଭାଗ ତରଫରୁ ଏଏଲଓ ବିନୋଦ ବିହାରୀ ନାୟକ ଡୁବୁରୁଙ୍କ ଘରକୁ ଆସି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିଲେ। ଏଥିରେ ଅନେକ ପ୍ରଶ୍ନ ଉଙ୍କି ମାରୁଥିଲା ବେଳେ ପ୍ରଥମତଃ ଦାଦନ ସର୍ଦ୍ଦାର ରାଜ୍ୟ ବାହାରକୁ ଦାଦନ ଚାଲାଣବେଳେ ଆବଶ୍ୟକ କାଗଜ ପତ୍ର କରିଥିଲା କି ? ଡୁବୁରୁ ବୃଦ୍ଧ ହୋଇଥିବା ବେଳେ ତାଙ୍କୁ କାହିଁକି ରାଜ୍ୟ ବାହାରକୁ ନିଆଗଲା ? ଆହୁରି ମଧ୍ୟ ଯେ ନିଖୋଜ ଡୁବୁରୁ ବରିହାର କୌଣସି ଅଘଟଣ ହୋଇନାହିଁ ତ? ଏହି ଭଳି ଅସମାହିତ ଅନେକ ପ୍ରଶ୍ନ ଉଙ୍କି ମାରୁଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପକ୍ଷରେ ସ୍ୱାମୀଙ୍କ ନିଖୋଜକୁ ନେଇ ପ୍ରେମ ମାନସିକ ଭାରସାମ୍ୟ ହରାଇ ବସିଛନ୍ତି। କେବେ ସ୍ୱାମୀ ଫେରିବେ, ସେ କେଉଁଠି ଅଛନ୍ତି ଏହି ଚିନ୍ତା ଘାରିଛି ପ୍ରେମଙ୍କୁ। ଶନିବାର ପ୍ରେମ ଦଲାଲଙ୍କ ଘରକୁ ଯାଇଥିବାବେଳେ ଘର ସମ୍ମୁଖରେ ଅଚେତ ହୋଇ ପଡ଼ିଥିଲେ। ସେଠାରୁ ତାଙ୍କୁ କିଛି ବ୍ୟକ୍ତି ଉଦ୍ଧାର କରି ଖପ୍ରାଖୋଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିବା ଦେଖିବାକୁ ମିଳିଛି। ଏବେ ପୁଅ ବୁଲୁ ମାନସିକ ରୋଗୀ ହୋଇ ରୋଜଗାର କରିପାରୁ ନ ଥିବାବେଳେ ପ୍ରେମ ସ୍ୱାମୀଙ୍କ ନିଖୋଜ ହେବାପରେ ପରିବାର କିପରି ଭାବରେ ଚଳାଇବେ ବୋଲି ଭାଙ୍ଗି ପଡ଼ିଛନ୍ତି। ଏନେଇ ପ୍ରଶାସନ ତରଫରୁ ଆବଶ୍ୟକ ପଦକ୍ଷେପ ନେଇ ପ୍ରେମ ଓ ପୁଅ ବୁଲିବଙ୍କ ଚଳିବା ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦେବା ସହ ନିଖୋଜ ସ୍ୱାମୀଙ୍କୁ ଉଦ୍ଧାର କରିବା ପାଇଁ ସ୍ଥାନୀୟ ଦାବି ହେଉଛି।

# ମହିଳାଙ୍କ ଅକାଳ ବିୟୋଗ

**ବଲାଙ୍ଗିର, ୨୫।୫(ସାମିସ):** ବଲାଙ୍ଗିର ଜିଲ୍ଲା ପୁଇଁତଳା ବ୍ଲକ କୁରୁଲ ରାମଜୀ ହାଇସ୍କୁଲର ଅବସରପ୍ରାପ୍ତ ପ୍ରକୃତିବନ୍ଧୁ ତଥା



ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଦିଗାମ୍ବର ନାଏକଙ୍କ ପୁତ୍ରବଧୂ ଶୁଭଶ୍ରୀ ନାଏକଙ୍କ ମୃତ୍ୟୁ ଘଟିଛି। ଶୁଭଶ୍ରୀ ଆକସ୍ମିକ ନିଆଁରେ ପୋଡ଼ି କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ତାଙ୍କର ଏକ ତିନି ବର୍ଷର କନ୍ୟା ସନ୍ତାନ ରହିଛି। ତାଙ୍କ ମୃତ୍ୟୁରେ ୮୪ ଘର ଅଘରିଆ ସମାଜର କର୍ମକର୍ତ୍ତା, ଆତ୍ମୀୟସ୍ୱଜନ, ପୁଲିସ ବିଭାଗର କର୍ମକର୍ତ୍ତା ତଥା ଗ୍ରାମବାସୀତାଙ୍କ ଶବାଧାରରେ ଯୋଗଦେଇଥିଲେ। ଶ୍ୱଶୁର ଦିଗାମ୍ବର ନାଏକ ଦାହ କରିଥିବା ବେଳେ କ୍ରିୟା ସଂସ୍କାରରେ ଶ୍ୱେତାମ୍ବର ନାଏକ ଅସ୍ଥି ଗୋଟାଇ ଥିଲେ।

# ଜଳିଗଲା ୧୭ଟି ଉଠା ଦୋକାନ; ଦୋକାନୀଙ୍କୁ ଥଇଥାନ ଦାବି

**ଟିଟିଲାଗଡ଼, ୨୫।୫(ସମିସ):** ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଥାନା ନିକଟସ୍ଥ ଫ୍ଲାଏଓଭର ବ୍ରିଜତଳେ ଥିବା ୧୭ଟି ଉଠାଦୋକାନ ସମ୍ପୂର୍ଣ୍ଣ ଜଳିଯାଇଛି। ଶନିବାର ଭୋର ସମୟରେ ଦୋକାନମାନଙ୍କରେ ନିଆଁ ଲାଗିଯାଇଥିବା ଦେଖି ସ୍ଥାନୀୟଲୋକେ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ବିଭାଗ ତରଫରୁ ନିଆଁକୁ ଆୟତ କରିବା ବେଳେ ଉକ୍ତ ଦୋକାନ ତଥା ସବୁ ସାମଗ୍ରୀ ସମ୍ପୂର୍ଣ ନଷ୍ଟ ହୋଇ ଯାଇଥିବା ଜଣାଯାଇଛି। କିଭଳି ଓ କେଉଁ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଛି ସେ ନେଇ ନାନା ମତ ପ୍ରକାଶ ପାଉଥିବାବେଳେ ପେଟ୍ରୋଲ ଢାଳି କିଛି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। କ୍ଷତିଗ୍ରସ୍ତ ଦୋକାନୀମାନଙ୍କୁ ଉପଯୁକ୍ତ ଥଇଥାନ ସହ କ୍ଷତିପୂରଣ ପ୍ରଦାନ କରିବା ନିମନ୍ତେ ଦୋକାନୀ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରିଛନ୍ତି।



# ସାହିତ୍ୟିକ ରାଧାକୃଷ୍ଣଙ୍କୁ ଶ୍ରଦ୍ଧାଞ୍ଜଳି

**ଟିଟିଲାଗଡ଼, ୨୫।୫(ସମିସ):** ବିଶିଷ୍ଟ ନାଟ୍ୟକାର, ଗାଳ୍ପିକ, କବି, ଶିଶୁ ସାହିତ୍ୟିକ ଏବଂ ଗୀତିକାର ରାଧାକୃଷ୍ଣ ପଟ୍ଟନାୟକଙ୍କ ଦେହାନ୍ତ ହୋଇଛି। ସେ ଦୀର୍ଘ ପାଞ୍ଚ ଦଶନ୍ଧି ଧରି ଓଡ଼ିଆ ଓ କୋସଲି ଭାଷାକୁ ଋଦ୍ଧିମନ୍ତ କରିଛନ୍ତି। ସେ ଜଣେ ଆଗଧାଡିର ଆକାଶବାଣୀ ଓ ଦୂରଦର୍ଶନ ଶିଳ୍ପୀଥିଲେ। ତାଙ୍କ ରଚିତ 'ନିକିତି', 'ଶେଷ ଗଳ୍ପ', 'ବାଘ୍ ମାମୁଁ ', 'ଗୀତ୍ ମାଳା', ' ବୃନ୍ଦଗୀତି', 'ପ୍ରୀତିଗୀତି', ' ବିଭୁଗୀତ', ' ଦେଶାତ୍ମବୋଧକ ଗୀତ'ଆଦି ପ୍ରକାଶିତ ହୋଇ ବେଶ୍ ପାଠକିୟତା ଲାଭ କରିଛି। ଏବେ ତାଙ୍କର ଅବର୍ତ୍ତମାନରେ ସାହିତ୍ୟ କ୍ଷେତ୍ରରେ ଏକ ଶୂନ୍ୟ ସ୍ଥାନ ସୃଷ୍ଟି ହୋଇଛି ବୋଲି ଦିବଂଗତଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ସାହିତ୍ୟ ପ୍ରେମୀ ବକ୍ତବ୍ୟ ରଖିଛନ୍ତି। ସ୍ଥାନୀୟମନ୍ଦିର ପରିସରରେ ସାହିତ୍ୟ ସଂସ୍କୃତି ଓ କୋସଲି ଭାଷା ସୁରକ୍ଷା



ସମିତିର ଆବାହକତ୍ୱରେ ଆୟୋଜିତ ସଭାରେ କୋସଲି ସାଂସ୍କୃତିକ ମହାଯୋଟ, ଜ୍ୟୋତି ପ୍ରକାଶ ଗଡ଼ତ୍ୟା, ଭିକାରୀଚରଣ ମିଶ୍ର, ଟିକେଲାଲ ବେହେରା, ସଞ୍ଜୟ ଅଗସ୍ତି, ରାଜୀବଲୋଚନ ପାଢ଼ୀ, ଜଗନ୍ନାଥ ପଣ୍ଡା, ଯୁଗଳ କିଶୋର ଷଡ଼ଙ୍ଗୀ, ବନମାଳୀ ଦାଶ, ପ୍ରମୋଦ କୁମାର ପାଲ, ଚିତ୍ତ ରଞ୍ଜନ ଚାନ୍ଦ, ପଞ୍ଚାନନ ତାଣ୍ଡି, ଦୁର୍ଗାପ୍ରସାଦ ସାହୁ, ମୋହନ, ପୂର୍ଣ୍ଣଚନ୍ଦ୍ର ସାହୁ, ନୀଳମଣି ସାହୁ, ସୁସାନ୍ତ ବାଗ, ଇଂ.ଅନିରୁଦ୍ଧ ସାହୁ ଏବଂ ପରିବାରର ସଦସ୍ୟ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଏକର ଏକର୍ ଜମିରେ ଲାଗିଲା ନିଆଁ

# ବନପାଳଙ୍କ ଅବହେଳା ଯୋଗୁଁ ନଷ୍ଟହେଲା ମୂଲ୍ୟବାନ ବୃକ୍ଷ

ତୁରେକେଲା, ୨୫।୫(ସମିସ)

ଚାରାରୋପଣ କରିବାକୁ ବନ ବିଭାଗ ପକ୍ଷରୁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ବୃକ୍ଷର ରକ୍ଷଣାବେକ୍ଷଣ କରିବାକୁ କର୍ମଚାରୀ ମଧ୍ୟ ନିୟୋଜିତ ଅଛନ୍ତି। ଗ୍ରୀଷ୍ମ ପ୍ରବାହରେ ଜଙ୍ଗଲରେ କେମିତି ନିଆଁ ନ ଲାଗିବ ସେଥିପାଇଁ ବନ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସଚେତନ କାର୍ଯ୍ୟକ୍ରମ କରାଯାଉଛି। ତଥାପି ଜଙ୍ଗଲରେ ନିଆଁ ଲାଗି ମୂଲ୍ୟବାନ ଗଛ ସବୁ ମାଟିରେ ମିଶିଯାଇଛି। ଏଭଳି ଚିତ୍ର ଦେଖିବାକୁ ମିଳିଛି, ବଲାଙ୍ଗିର ଜିଲ୍ଲାର ବହୁ ଚର୍ଚ୍ଚିତ କଣ୍ଟାବାଞ୍ଜି ରେଞ୍ଜରେ। ସୂଚନା ଅନୁସାରେ କଣ୍ଟାବାଞ୍ଜି ରେଞ୍ଜ ଅଧୀନସ୍ଥ ତୁରେକେଲା ସେକ୍ସନର ୨୦୨୨-୨୩ ବର୍ଷରେ ବାଗବେଲ ଗାଁ ଜଙ୍ଗଲରେ ୧୦୦ ହେକ୍ଟର ଜମିରେ ଚାରାରୋପଣ କରାଯାଇ ଥିବାବେଳେ ୨୦୨୦-୨୦୨୧ ରେ ବର୍ଷରେ ବର୍ଲା ଗାଁ ୫୦ ଓ ୭୫ ହେକ୍ଟର ଜମିରେ ଚାରାରୋପଣ କରି ବନବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। କିନ୍ତୁ ୧୫ ଦିନ ତଳେ ବର୍ଲା ଓ ବାଗବେଲ ଗାଁ ଜଙ୍ଗଲର ଏକର ଏକର ଜମିରେ



## ରେଞ୍ଜରଙ୍କ ପାଖରେ ନାହିଁ ତଥ୍ୟ

ନିଆଁ ଲାଗିଯାଇଛି। ଯାହାଫଳରେ ଅନେକ ମୂଲ୍ୟବାନ ଗଛ ପୋଡ଼ି ପାଉଁଶ ହୋଇଯାଇଛି। ଅନ୍ୟପକ୍ଷରେ ଗ୍ରୀଷ୍ମ ପ୍ରବାହ ଆରମ୍ଭରୁ କେମିତି ଜଙ୍ଗଲରେ ନିଆଁ ନ ଲାଗିବ ସେଥିପାଇଁ ବନ ବିଭାଗ ପ୍ରସ୍ତୁତ ଥାଇ ନିଆଁ ଆୟତ୍ତ କରିବାକୁ ଫାୟାର ସ୍କ୍ୱାଡ୍ ନିୟୋଜିତ କରିଥିବା ବେଳେ ବର୍ଲା ଓ ବାଗବେଲ ଜଙ୍ଗଲରେ ନିଆଁ ଆୟତ କରିବାରେ ଫେଲ ମାରିଛି ସ୍କ୍ୱାର୍ଡ। ସେପଟେ ଦାୟିତ୍ୱରେଥିବା ତୁରେକେଲା ସେକସନ୍ ବନପାଳ ଗୋବର୍ଦ୍ଧନ ପୁଟେଲଙ୍କୁ ପଚାରିବାରୁ ଆମେ ସେହି ଅଞ୍ଚଳରେ ତଦାରଖ କରିଥିଲୁ। ଗାଁ ର କେହି ଜଣେ ଖଳ ପ୍ରକୃତି ବ୍ୟକ୍ତି ନିଆଁ ଲଗାଇ ଦେଇଥିଲା। ଯାହାଫଳରେ ଜଙ୍ଗଲରେ ନିଆଁ ଲାଗିଥିଲା ପରେ ନିଆଁକୁ ଆମେ ଆୟତ୍ତ କଲୁ ବୋଲି ସେ କହିଛନ୍ତି। ନିଆଁ ଲାଗିଲା ସମୟରେ ଦାୟିତ୍ୱରେ ଥିବା ୱାଚ୍‌ର କୁଆଡେ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏନେଇ କଣ୍ଟାବାଞ୍ଜି ରେଞ୍ଜର ସିଦ୍ଧାନ୍ତ କୁମାର ସାହୁଙ୍କୁ ପଚାରିବାରୁ ରାସ୍ତା କଡ଼ରେ କିଛି ସ୍ଥାନରେ ନିଆଁ ଲାଗିଥିଲା। ଫାୟାର ସ୍କ୍ୱାଡ୍ ନିଆଁ ଆୟତ କରିଥିଲେ, ଏନେଇ ବନପାଳ ମୋତେ ସୂଚନା ଦେଇଥିଲେ। ଯଦି ଅନ୍ୟ କେଉଁ ସ୍ଥାନ ରେ ନିଆଁ ଲାଗିଛି ତେବେ ମୁଁ ଯାଇ ଦେଖି ପଦକ୍ଷେପ ନେବି ବୋଲି ସେ କହିଥିଲେ। ଜଙ୍ଗଲରେ ନିଆଁ ଲାଗି ୧୫ ଦିନ ବିତି ଯାଇଥିଲେ ମଧ୍ୟ କ୍ଷେତ୍ର ପରିଦର୍ଶନ କରି ନାହାଁନ୍ତି ରେଞ୍ଜର। ବଲାଙ୍ଗିର ଡିଏଫଓ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

**ଜଳନିଧି ଯୋଜନା ଦିଗହରା**

# ଟ୍ରାନ୍ସଫର୍ମର ଅଚଳ; ଜଳ ସେଚନରୁ ବଞ୍ଚିତ ଚାଷୀ

**କୋକସରା, ୨୫।୫(ସମିସ)**

କୋକସରା ବ୍ଲକର ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳ ଭାବେ ବେଶ୍ ଜଣାଶୁଣା। ଏହି ଅଞ୍ଚଳରେ କୌଣସି ଜଳ ସେଚନର ବ୍ୟବସ୍ଥା ନାହିଁ। ଏହା ଫଳରେ ଚାଷୀମାନେ ପ୍ରତିବର୍ଷ କ୍ଷତି ସହି ଆସୁଛନ୍ତି। ଜଳନିଧି ଯୋଜନା ମଧ୍ୟ ଏହି ଅଞ୍ଚଳରେ ଦିଗହରା ହୋଇଥିବା ଅଭିଯୋଗ ହେଉଛି।



୩ ବର୍ଷ ତଳେ ବଡ଼ପୋଡ଼ାଗୁଡ଼ା ଗ୍ରାମର ତୁଲାରାମ ମାଝୀ, ଦେବିସିଂ ପୁଝାରୀ, ହନୁମାନ ନାଏକ, ଚିତ୍ରସେନ ପୁଝାରୀ, ଦେବାନନ୍ଦ ମାଝୀ ଓ ବଳଭଦ୍ର ପୁଝାରୀ ପ୍ରମୁଖ ଜଳନିଧି ଯୋଜନା ପାଇଁ ପ୍ରତ୍ୟେକ ଚାଷୀ ୧୨ ହଜାର ଲେଖାଏଁ ଟଙ୍କା ସଂପୃକ୍ତ କାର୍ଯ୍ୟ ନିର୍ବାହୀ ସଂସ୍ଥାକୁ ପୈଠ କରିଥିଲେ। ଏହା ପରେ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ବିଦ୍ୟୁତ୍ ଖୁଣ୍ଟ, କେବୁଲ ତାର, ପାଇପ୍ ତଥା ଆବଶ୍ୟକ ସାମଗ୍ରୀ ସବୁ ଯୋଗାଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହାପରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂଯୋଗ କରିବା ପାଇଁ ଚାଷୀଙ୍କଠାରୁ ପୁଣି ୨ ହଜାର ଟଙ୍କା ଲେଖାଏଁ ଠିକାଦାର ସଂସ୍ଥା ପକ୍ଷରୁ ଦାବି କରିଥିବା ଚାଷୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ଟଙ୍କା ନ ଦେବାରୁ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ଏକ ଅକ୍ଷମ ଟ୍ରାନ୍ସଫର୍ମର ସଂଯୋଗ କରାଯାଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଏହି ବିଦ୍ୟୁତ୍ ଟ୍ରାନ୍ସଫର୍ମର ପରୀକ୍ଷଣ ସମୟରେ କିଛି ଘଣ୍ଟା ଚାଲି ତା' ପରେ ଆଜିଯାଏଁ ଅଚଳ ହୋଇପଡ଼ିଛି। ଏପଟେ ବାରମ୍ବାର ଚାଷୀ ଅଭିଯୋଗ କରିବା ପରେ ମଧ୍ୟ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ଦୀର୍ଘ ଦିନ ହେଲା କାର୍ଯ୍ୟର ତଦାରଖ ଅଭାବରୁ ବିଦ୍ୟୁତ୍ ସାମଗ୍ରୀଗୁଡ଼ିକ ଚୋରି ହୋଇଛି। ଚଳିତ ଖରିଫ ଚାଷ ପୂର୍ବରୁ ଯଦି ନୂତନ ଟ୍ରାନ୍ସଫର୍ମ ସଂଯୋଗ ନ ହୁଏ ଏବଂ କାର୍ଯ୍ୟକାରୀ କରା ନ ଯାଏ ତେବେ ଚାଷୀ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି।

# ପହଞ୍ଚି ପାରିଲାନି ପାଣି; ମରିଗଲା ଧାନ

**ଜୁନାଗଡ଼, ୨୫।୫(ସମିସ):** କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ବ୍ଲକ ଭଇଁରିଗୁଡା ଗ୍ରାମରେ ଥିବା ଚାଷୀଙ୍କ ଜମିରେ ପାଣି ପହଞ୍ଚି ପାରିଲାନି। ଶେଷରେ ଧାନ ମରି ଯାଇଛି। ଶେଷରେ ଧାର୍ କରଜ କରି ଚାଷ କରିଥିବା ଜମିରେ ଗାଈ ଛାଡି ଦେଇଛନ୍ତି।



ଜୁନାଗଡ଼ ବ୍ଲକ ଭଇଁରିଗୁଡା ଗ୍ରାମର ଚାଷୀ ଅଶ୍ୱିନୀ ରଣା ୧ ଏକର ୫୦ ଡ଼ିସିମିଲରେ ଧାନ ଚାଷ କରିଥିଲେ। ସେହିଭଳି କେଶବ ରଣା ୨ ଏକର ୩୦ ଡିସିମିଲ, ସୁବାସ ରଣା ୯୩ ଡିସିମିଲ, ପବିତ୍ର ରଣା, ଦୁର୍ଯ୍ୟୋଧନ ରଣା ପ୍ରମୁଖ ଧାର୍ କରଜ କରି ଚାଷ କରିଥିଲେ। ଚାଷୀ ଆରମ୍ଭ ପୂର୍ବରୁ ଏହି ଚାଷୀଙ୍କୁ ଏଲଆଇ ପଏଣ୍ଟ ମାଧ୍ୟମରେ ପାଣି ଯୋଗାଇ ଦିଆଯାଇଥିଲା। ପରେ ଆଉ ପାଣି ଦିଆଗଲା ନାହିଁ। ଏହାଫଳରେ ଚାଷୀଙ୍କ ଧାନ ପାଣି ଅଭାବରୁ ମରିଗଲା। ଶେଷରେ ବାଧ ହୋଇ ଚାଷୀ ନିଜ ଚାଷ ଜମିରେ ଗାଈ ଛାଡି ଦେଇଛନ୍ତି। ଏହି ଅଞ୍ଚଳରେ ଥିବା ଏଲଆଇ ପଏଣ୍ଟ ଦ୍ୱାରା ଚଳିତ ରବି ଋତୁର ୫୦ ଏକର ଜମିରେ ପାଣି ପହଞ୍ଚାଇବା ପାଇଁ ଧାର୍ଯ୍ୟ କରାଯାଇଥିଲା; ହେଲେ ୩୫ ଏକର ଜମି ଚାଷ କରାଯାଇଥିଲା। ତଥାପି ଏତେ କମ୍ ଏକର ଜମିରେ ଚାଷ ପରେ ମଧ୍ୟ ଚାଷୀଙ୍କୁ ପାଣି ନ ମିଳିବା ଚାଷୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

**● ମଣ୍ଡିରେ କମୁନି କଟ୍‌ନିଛଟ୍‌ନି**

# କଳାହାଣ୍ଡିରେ ବଢୁଛି ଅସନ୍ତୋଷ

**ଭବାନୀପାଟଣା, ୨୫।୫ (ସମିସ):** କଳାହାଣ୍ଡି ଜିଲ୍ଲାରେ ରବିଧାନ କିଣା ପାଇଁ ଗତ ୨୦ରୁ ମଣ୍ଡି ଆରମ୍ଭ ହୋଇଛି; ଅଥଚ ପ୍ରଥମରୁ ହିଁ ବିଳମ୍ବରେ ମଣ୍ଡି ଖୋଲିଥିବାରୁ ବର୍ଷା ଭୟରେ ଅନେକ ଚାଷୀ କମ ମୂଲ୍ୟରେ ମଧ୍ୟସ୍ଥି ଓ ମିଲ୍‌ଗୁଡ଼ିକୁ ଧାନ ବିକ୍ରି କରିସାରିଲେଣି। ଚଳିତ ରବି ଋତୁରେ ଜିଲ୍ଲାରେ ୨୧ଲକ୍ଷ ୫୫ହଜାର କୁଇଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିପାଇଁ ୬୪ଟି ପାକ୍ସ ଓ ୨୩ଟି ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ଜିଲ୍ଲାର ୧୫୫ଟି ମଣ୍ଡିରୁ ଧାନ କିଣାଯିବାର ଲକ୍ଷ୍ୟ ଧାର୍ଯ୍ୟ ହେଇଛି। ଏଥିପାଇଁ ବୁଧବାର ସୁଦ୍ଧା ୬୭ଟି ମିଲ୍‌ର ଯୋଗାଣ ବିଭାଗ ସହିତ ଚୁକ୍ତି କରିଛନ୍ତି।



ଜିଲ୍ଲାରେ ରବି ଧାନ କିଣା ନେଇ ଜିଲାପାଳଙ୍କ ଦ୍ୱାରା ଆହୂତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ଧାନ କିଣାକୁ ଆହୁରି ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ତେବେ ଧାନ କିଣାରେ ଯେତେ ସଂସ୍କାର ବ୍ୟବସ୍ଥା ଆଣିଲେ ସୁଦ୍ଧା କଟନି ଛଟନିକୁ କିନ୍ତୁ ବନ୍ଦ କରାଯାଇ ପାରିନାହିଁ। ତେଣୁ ଚାଷୀ ମହଲରେ ଅସନ୍ତୋଷ ଦିନକୁ ଦିନ ଦାନା ବାନ୍ଧୁଛି।

# 'ହୁ' ଦ୍ୱାରା ଡକ୍ୟୁମେଣ୍ଟାରୀ ଫିଲ୍ମ 'ଦ ସାଇଲେଣ୍ଟ ଏପିଡେମିକ୍' ପୁରସ୍କୃତ

**ଭବାନୀପାଟଣା, ୨୫।୫(ସମିସ):** କଳାହାଣ୍ଡିର ସାରିକା ପଣ୍ଡା ଭଟ୍ଟ ଓ ଟିଟିଲାଗଡ଼ର ଜିତେନ୍ଦ୍ର ମିଶ୍ରଙ୍କ ମିଳିତ ପ୍ରଯୋଜନାରେ ନିର୍ମିତ ଡକ୍ୟୁମେଣ୍ଟାରି ଫିଲ୍ମ 'ଦ ସାଇଲେଣ୍ଟ ଏପିଡେମିକ୍' ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା ହେଲ୍ଥ ଫର୍ ଅଲ୍ ଫିଲ୍ମ ଫେଷ୍ଟିଭାଲରେ ପୁରସ୍କୃତ ହୋଇଛି। ସାରିକା ପଣ୍ଡାଙ୍କ ରାହାଗିରି ଫାଉଣ୍ଡେସନ, ଜିତେନ୍ଦ୍ର ମିଶ୍ରଙ୍କ ସିନେମା ଫର୍ ଗୁଡ୍, ପଦ୍ମଶ୍ରୀ ଡ. ଦୀପା ମଲ୍ଲିକ ଓ ଦେବିକା ମଲ୍ଲିକଙ୍କ ହୁଇଲିଙ୍ଗ ହାପିନେସ୍ ସଂସ୍ଥା ଦ୍ୱାରା ଏହା ପ୍ରସ୍ତୁତ କରାଯାଇଥିଲା। ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ଦ୍ୱାରା ଜାତୀୟ ସଡ଼କ ସୁରକ୍ଷା ସର୍ଟ ଫିଲ୍ମ ଫେଷ୍ଟିଭାଲରେ ଏହା ପୁରସ୍କୃତ ହୋଇ ସାରିଛି। ସେହିଭଳି ଗୋଆରେ ଅନୁଷ୍ଠିତ ଇଣ୍ଟରନ୍ୟାସନାଲ ପର୍‌ପଲ୍ ଫେଷ୍ଟରେ ମଧ୍ୟ ପୁରସ୍କୃତ ହୋଇଛି। ଦିଲ୍ଲୀର ଫିଲ୍ମ ନିର୍ମାତା ଅକ୍ଷତ ଗୁପ୍ତା ନିର୍ଦ୍ଦେଶନା ଦେଇଥିବା ବେଳେ ଆକାଶ ବସୁ ସହନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମଟି ପୂର୍ବରୁ ଜର୍ମାନୀର ବର୍ଲିନ, ଲଣ୍ଡନ, ଦୁବାଇ, ସ୍ପେନ୍ ଓ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇ ପ୍ରଶଂସିତ ମଧ୍ୟ ହୋଇଥିଲା। ଚଳିତ ବର୍ଷ ଜେନେଭାରେ ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ଅନୁଷ୍ଠିତ ହେଲ୍ଥ ଫର୍ ଅଲ୍ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା। ଫିଲ୍ମଟି ୪ଟି ବିଭିନ୍ନ ସଡ଼କ ଦୁର୍ଘଟଣାରେ ଆହତ ହୋଇ ନିଜ ଜୀବନ ସହିତ ସଂଗ୍ରାମ କରିବା ସହିତ ପାରା ଅଲିମ୍ପିକ ଗୋଲ୍ଡ ମେଡାଲିଷ୍ଟ ସୁମିତ ଅନ୍ତିମଙ୍କ ଉପରେ ଆଧାରିତ ସଡ଼କ ଦୁର୍ଘଟଣା ଉପରେ ସଚେତନତାଧର୍ମୀ ଡକ୍ୟୁମେଣ୍ଟାରୀ ଫିଲ୍ମକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।



# ୪ ବଳଦଙ୍କ ଜୀବନ ନେଲା ବିଦ୍ୟୁତ୍ ତାର

**ଶଗଡ଼ା, ୨୫।୫ (ସମିସ):** କଣ୍ଡାମାଳ ଗ୍ରାମରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୪ଟି ବଳଦଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଘନଶ୍ୟାମ ଦଳବେହେରାଙ୍କ ଏହି ବଳଦ ୪ଟି କଣ୍ଡାମାଳ ପଟୁ କିନିକୁପା ଆଡ଼କୁ ଯାଉଥିଲେ; ହେଲେ ଭୂମିରୁ ଅଳ୍ପ ଉଚ୍ଚରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ମୃତ୍ୟୁ ଘଟିଥିଲା। ଏ ନେଇ ଘନଶ୍ୟାମ ବିଦ୍ୟୁତ ବିଭାଗ ସହ କଣ୍ଡାମାଳ ଥାନାରେ ଅଭିଯୋଗ କରିଥିଲେ। ଖବର ପାଇ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଡିଲେଶ୍ୱର୍ ଆଚାରି ଘଟଣା ସ୍ଥଳରେ ପହଞ୍ଚି ଥିଲେ। ବ୍ୟବଚ୍ଛେଦ ପରେ ଗାତ ଖୋଲି ବଳଦଗୁଡ଼ିକୁ ପୋତି ଦିଆଯାଇଛି। ତେବେ ବିଦ୍ୟୁତ ବିଭାଗ ତାଙ୍କୁ ମାତ୍ର ୩୦ ହଜାର ଟଙ୍କା ପ୍ରଦାନ କରିବାରୁ ସେ ତାହା ଗ୍ରହଣ କରିବାକୁ ମନା କରି ଦେଇଥିଲେ।

# ବାରମ୍ବାର ବିଦ୍ୟୁତ୍ କାଟ୍‌ରେ ତାତିଲା ବଣିକ ସଂଘ

**ଡୁଙ୍ଗୁରିପାଲି, ୨୫।୫(ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ଅଞ୍ଚଳରେ ବାରମ୍ବାର ବିଦ୍ୟୁତ କାଟକୁ ନେଇ ଡୁଙ୍ଗୁରିପାଲି ବଣିକ ସଂଘ ଅସନ୍ତୋଷ ପ୍ରକାଶ କରିଛି। ସଭାପତି ପ୍ରଦୀପ ମିଶ୍ରଙ୍କ ନେତୃତ୍ୱରେ ଚେରୁପାଲି ଗ୍ରୀଡ୍ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଞ୍ଚଳରେ ବାରମ୍ବାର ବିଦ୍ୟୁତ ସରବରାହ ଜନିତ ସମସ୍ୟା ହେଉଛି। ଏହା ଫଳରେ ସାଧାରଣ ଲୋକଙ୍କ ଜନ ଜୀବନ ଅସ୍ତବ୍ୟସ୍ତ ହେଉଛି ଏବଂ ବ୍ୟବସାୟୀଙ୍କ କ୍ଷତି ହେଉଛି। ବାରମ୍ବାର ବିଦ୍ୟୁତ ସମସ୍ୟା ସମାଧାନ ପାଇଁ ଅଭିଯୋଗ କଲେ ମଧ୍ୟ ସମାଧାନ ପରିବର୍ତ୍ତେ ବିଦ୍ୟୁତ ବିଭ୍ରାଟ ବଢ଼ିଚାଲିଛି। ଆସନ୍ତା ୨୬ତାରିଖ ସଂଧ୍ୟା ସୁଦ୍ଧା ସମସ୍ୟାର ସମାଧାନ କରା ନ ଗଲେ ୨୭ ତାରିଖ ଗ୍ରିଡ୍ ଅଫିସ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଜନ ଆନ୍ଦୋଳନ କରିବା ସହ ଧାରଣା ଦେବା ପାଇଁ ବଣିକ ସଂଘ ବିଭାଗ ଏବଂ ଡୁଙ୍ଗୁରିପାଲି ଥାନାକୁ ଜଣାଇଛି। ସୁନୀଳ ମେହେର, ଗୋପାଳ ବାରିକ, ମୁକୁନ୍ଦ ମେହେର, ବଳରାମ ଅଗ୍ରୱାଲ, ମହେଶ ଅଗ୍ରୱାଲ, ଉପେନ୍ଦ୍ର ମେହେର, ସୁଧାଂଶୁ ଶେଖର ସାହୁ, ମୃତ୍ୟୁଞ୍ଜୟ ମିଶ୍ର, ପ୍ରଭୁଦତ୍ତ ନାଏକ, ଲବ ପଧାନ, ଟୁକୁଲୁ ବିଶ୍ୱାଳ, ଜୋଗେଶ ଅଗ୍ରୱାଲ, ସୁରେଶ ମେହେର, ପ୍ରଶାନ୍ତ ସାହୁ, ସୁବାସ ଭୋଇ, ରବୀନ୍ଦ୍ର ସାହୁ, ମହେଶ ଅଗ୍ରୱାଲ, ପ୍ରମୋଦ ସରାଫ, ଚିନ୍ମୟ ବେହେରା ପ୍ରମୁଖ ଗ୍ରୀଡ୍ ଅଫିସ ଓ ଥାନାକୁ ଯାଇଥିଲେ।



**● ଗ୍ରୀଡ୍ ଅଧିକାରୀଙ୍କୁ ଦାବିପତ୍ର**
**● ୨୭ରେ ଆନ୍ଦୋଳନ ପାଇଁ ଥାନାକୁ ଅବଗତ**

# ଆଶା, ଆଶଙ୍କାରେ ନେତା

**ଭବାନୀପାଟଣା, ୨୫।୫(ସମିସ):** କଳାହାଣ୍ଡି ସଂସଦୀୟ କ୍ଷେତ୍ରରେ ନିର୍ବାଚନ ଶେଷ ହୋଇଛି। ଜିଲ୍ଲାରେ ୭୭.୯ ପ୍ରତିଶତ ଲୋକ ମତ ସାବ୍ୟସ୍ତ କରିଛନ୍ତି। ଇଭିଏମ୍‌ରେ ବନ୍ଦ ନେତାଙ୍କ ଭାଗ୍ୟ ୪ ତାରିଖ ଦିନ ପରୀକ୍ଷା ହେବ। ଏବେ ରାଜନେତା ନୀରବ ଥିବା ବେଳେ ବୁଥ୍ ଫେରନ୍ତା ଭୋଟରଙ୍କ ସଂକେତରେ ନିର୍ବାଚନ ଲଢୁଥିବା ପ୍ରାର୍ଥୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏଥର ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳର ଟିକଟ ବଣ୍ଟନ, ଆଶାୟୀଙ୍କ ବିଦ୍ରୋହ ଆଦି ସବୁ ଦୃଷ୍ଟିରୁ ଘଟଣା ବହୁଳ ରହିଥିଲା। ବିଭିନ୍ନ ଦଳର ପ୍ରାର୍ଥୀ ନାମାଙ୍କନ ଦାଖଲ ପରେ ଶୋଭାଯାତ୍ରା, ସଭା କରି ଶକ୍ତି ପ୍ରଦର୍ଶନ କରି ଜୋରଦାର ପ୍ରଚାର କରିଥିଲେ। ଏବେ ସେମାନଙ୍କ ମଧ୍ୟରେ ଭୟ ବଢ଼ିବାରେ ଲାଗିଛି।

**● ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ**

# ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

**ତୁରେକେଲା, ୨୫।୫(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଅଧୀନ ମହୁଲପାଟି ଗାଁର ଶଙ୍କରପଡ଼ାର ସୁବର୍ଣ୍ଣ ନାଏକ (୩୭) ନାମକ ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ଖପ୍ରାଖୋଲ ଥାନା ଅଧୀନ ଡୁଡୁଙ୍ଗଦରା ଗାଁର ଅଲେଖ ପ୍ରଧାନଙ୍କ ଝିଅ ସୁବର୍ଣ୍ଣ ନାଏକ ଗତ ବର୍ଷ ଶଙ୍କରପଡ଼ାର ରିପୁ ନାଏକଙ୍କୁ ବିବାହ କରିଥିଲେ। ଗତ ଶନିବାର ଦିନ ସୁବର୍ଣ୍ଣଙ୍କ ଦେହ ଅସୁସ୍ଥ ଥିବା ଯୋଗୁଁ ପ୍ରଥମେ ତୁରେକେଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ତାଙ୍କ ସ୍ୱାମୀ ରିପୁ ନାଏକ ଚିକିତ୍ସା ପାଇଁ ଆଣିଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ସୁବର୍ଣ୍ଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ବଲାଙ୍ଗିର ଜିଲ୍ଲା ଚିକିତ୍ସାଳୟ ସ୍ଥାନାନ୍ତର କରିଥିଲେ। କିନ୍ତୁ ତାଙ୍କ ସ୍ୱାମୀ ରିପୁ ବଲାଙ୍ଗିର ଡାକ୍ତରଖାନରେ ଚିକିତ୍ସା ନ କରାଇ ବରଗଡ଼ ଘରୋଇ ଡାକ୍ତରଖାନା ନେଇଥିଲେ। ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ସୁବର୍ଣ୍ଣଙ୍କ ବାପଘର ଲୋକେ ତାଙ୍କ ଶଶୁର ଘର ଲୋକଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ସୁବର୍ଣ୍ଣଙ୍କ ବାପା ତୁରେକେଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାରକରି ତୁରେକେଲା ପୁଲିସ ମୃତ ସୁବର୍ଣ୍ଣଙ୍କ ସ୍ୱାମୀ ରିପୁ ନାଏକ ଓ ତାଙ୍କ ଶାଶୂ, ଶଶୁରଙ୍କୁ ଥାନାକୁ ଡକାଇ ଅଧିକ ପଚରାଉଚରା କରୁଛି। ମୃତ ସୁବର୍ଣ୍ଣଙ୍କ ବାପା କହିବା ଅନୁସାରେ ତାଙ୍କ ଝିଅଙ୍କୁ ତାଙ୍କ ଶଶୁର ଘର ଲୋକେ ଯୌତୁକ ପାଇଁ ମାନସିକ ନିର୍ଯାତନା ଦେବା ସହ ତାଙ୍କ ଜ୍ୱାଇଁ ରିପୁ ନାଏକ ତାଙ୍କୁ ଫୋନ କରି ଯୌତୁକ ପାଇଁ ବାରମ୍ବାର ଚାପ ପକାଉଥିବା ସେ ଅଭିଯୋଗ କରିଛନ୍ତି। ଗତ ଶନିବାର ସୁବର୍ଣ୍ଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତ ଥିବା ଯୋଗୁଁ ଡାକ୍ତରଖାରେ ଭର୍ତ୍ତି କରାଇଥିବା ବେଳେ ସୋମବାର ଦିନ ସେମାନଙ୍କୁ ଖବର ଦେଇଥିବା ସେ କହିଛନ୍ତି। ତାଙ୍କ ଝିଅକୁ ଯୋଜନା ବଦ୍ଧଭାବେ ହତ୍ୟା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ତୁରେକେଲା ଥାନା ଅଧିକାରୀ ରମାକାନ୍ତ ସାହୁଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ବ୍ୟବସାୟୀଙ୍କ କବ୍‌ଜାରେ ଏକର ଏକର ସରକାରୀ ଜମି

**କଣ୍ଟାବାଞ୍ଜି, ୨୫।୫(ସମିସ):** ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜି ସହର ବ୍ୟବସାୟକୁ ନେଇ ବେଶ ପରିଚିତ। ଏହି ସହରକୁ ବ୍ୟବସାୟ ପାଇଁ ଅନେକ ବ୍ୟବସାୟୀ ଆସିଥାନ୍ତି। ଏହି ସହରରେ ଏବେ ମୁଖ୍ୟ ବ୍ୟବସାୟ ହୋଇଛି ଜମି ବେପାର। ଅନ୍ୟ ବ୍ୟକ୍ତିଙ୍କ ଠାରୁ କମ୍ ଦାମରେ ଜମି କିଣି ବ୍ୟବସାୟୀମାନେ ଅନ୍ୟ ପାଖରେ ଚଢ଼ା ଦରରେ ଜମି ବିକ୍ରି କରୁଛନ୍ତି। ଏମିତି ସରକାରୀ ଜମିକୁ ଅକ୍ତିଆର କରି ବିକ୍ରି କରୁଥିବା ଅଭିଯୋଗ ହେଉଛି। ସୂଚନା ଅନୁସାରେ କଣ୍ଟାବାଞ୍ଜି ତହସିଲ ଅନ୍ତର୍ଗତ ଖାତା ନଂ ୨୨୧, ପ୍ଲଟ ନଂ ୬୩୩ ଓ ୬୩୯ ପ୍ରାୟ ୨ ଏକରରୁ ଊର୍ଦ୍ଧ୍ୱ ସରକାରୀ ଗୋଚର ଜମି ସଂରକ୍ଷିତ ରହିଛି। କିନ୍ତୁ କଣ୍ଟାବାଞ୍ଜି ସହରର ଜଣେ ପ୍ରତିଷ୍ଠିତ ହୋଟେଲ ମାଲିକ ସେହି ଜମିକୁ ପାଚେରି କରି ଅକ୍ତିଆର କରିଥିବା ଦେଖାଦେଇଛି। ସେହି ଗୋଚର ଜମି ଭିତରେ ପ୍ରାୟ ୧ ଏକରରୁ ଚଟାଣ ମଧ୍ୟ ରହିଛି। ତାକୁ ମଧ୍ୟ କେହି ଜଣେ ଜବରଦଖଲ କରିଛନ୍ତି। ସରକାରଙ୍କ କୋଟି କୋଟି ଟଙ୍କାର ସମ୍ପତ୍ତି ଜବରଦଖଲ ହୋଇଥିବାବେଳେ କଣ୍ଟାବାଞ୍ଜି ତହସିଲ କର୍ତ୍ତୃପକ୍ଷ ତାଙ୍କ ଉପରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାଁନ୍ତି। ଏନେଇ କଣ୍ଟାବାଞ୍ଜି ତହସିଲଦାର ଅଞ୍ଜଳି ମାଝୀଙ୍କୁ ପଚାରିବାରୁ ମୁଁ ଖବର ପାଇଛି, ନିର୍ବାଚନ ଡ୍ୟୁଟିରେ ଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନାହିଁ। ନିର୍ବାଚନ ସରିଲେ ପଦକ୍ଷେପ ନେବି ବୋଲି କହିଛନ୍ତି। ଏ ସମ୍ପର୍କରେ କଣ୍ଟାବାଞ୍ଜି ଆର୍‌ଆଇଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ।



# କଲ୍ୟାଣ ମଣ୍ଡପରେ ଗଞ୍ଜେଇ ଗଛ ଉଠିଲାଣି

**କଲମପୁର, ୨୫।୫(ସମିସ):** ସରକାର ଜନସାଧାରଣଙ୍କ ବିବାହ, ବ୍ରତ, ସଭା, ସମିତି ଆଦି କାର୍ଯ୍ୟ ପାଇଁ କଲ୍ୟାଣ ମଣ୍ଡପ ନିର୍ମାଣ କରିଛନ୍ତି। ସେଠାରେ ବିପୁଳ ଜନସମାଗମ ହୋଇ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଜନସାଧାରଣଙ୍କ ସମେତ ନେତାମନ୍ତ୍ରୀ ଓ ସରକାରୀ କର୍ମଚାରୀ ମଧ୍ୟ ସେଠାରେ ଉପସ୍ଥିତ ରହୁଛନ୍ତି। ବିଡ଼ମ୍ବନା ସେପରି ସ୍ଥାନରେ ଏକ ପ୍ରାୟ ୫ଫୁଟର ଗଞ୍ଜେଇ ଗଛ ଉଠିଛି। କଳାହାଣ୍ଡି ଜିଲ୍ଲା କଲମପୁର ବିଜୁ କଲ୍ୟାଣ ମଣ୍ଡପରେ ଭଳି ଏକ ଗଞ୍ଜେଇ ଗଛ ଦେଖିବାକୁ ମିଳିଛି। ଗଞ୍ଜେଇ ଚାଷ ଉପରେ ସରକାର କଟକଣା ଲଗାଇଥିବା ବେଳେ ଏହି ନିଷିଦ୍ଧ ଗଛ ୫ଫୁଟ ଉଚ୍ଚ ହେବା ପର୍ଯ୍ୟନ୍ତ କାହିଁକି ଅପେକ୍ଷା କରାଯାଇଛି ତାହା ବୁଝା ପଡୁନାହିଁ। କଳାହାଣ୍ଡି ଅବକାରୀ ଅଧିକ୍ଷକ ରଞ୍ଜନ ନାୟକଙ୍କୁ ପଚାରିବାକରୁ ତୁରନ୍ତ ଏଥିପ୍ରତି ପଦକ୍ଷେପ ନିଆଯିବ ବୋଲି କହିଥିଲେ।



# ମହାତ୍ମା ଗାନ୍ଧୀ, ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ନୂଆପଡ଼ା, ୨୫।୫(ସମିସ)**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଭୁଲିଆସିକୁଆଁ ଜ୍ଞାନଲୋକ ସରକାରୀ ହାଇସ୍କୁଲ ପରିସରରେ ଜାତିରପିତା ମହାତ୍ମାଗାନ୍ଧୀ ଓ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ପ୍ରଧାନଶିକ୍ଷକ ବିଜୟ କୁମାର ନାଗଙ୍କ ଅଧ୍ୟକ୍ଷତାରେ ପୂର୍ବତନ ପ୍ରଧାନଶିକ୍ଷକ ଲିଙ୍ଗରାଜ ମେହେର, ଅବସରପ୍ରାପ୍ତ ଶିକ୍ଷକ ସୁରବିଜୟ କାନ୍ତ ତାଣ୍ଡି, ବରିଷ୍ଠ ସାମ୍ବାଦିକ କୁନୁ କରୁଆଁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷକ ଗୌତମ ପାତ୍ର, ନରେନ୍ଦ୍ର ମେହେର, ଅବିନାଶ ଶବର, ଲକ୍ଷ୍ୟପତି ଶବର, ସ୍କୁଲ ପରିଚାଳନା କମିଟିର ସଦସ୍ୟ ଦୁଷ୍ମନ୍ତ ମେହେର, କମଳ ମେହେର, ଖଲିନ୍ଦ୍ର ମହେର, ଶିଶୁପାଳ ବାଗଙ୍କ ସମେତ ଛାତ୍ରଛାତ୍ରୀମାନେ ଯୋଗଦେଇ ଦୁଇ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଶିକ୍ଷକ ଗୌତମପାତ୍ର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।



